NATIONAL NEWS BULLETIN (ODIA)

2 August - 2024

Mid Bulletin : 1.50 p.m.

ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରପତି ଭବନରେ ଆରମ୍ଭ ହେଲା ଦୁଇ ଦିନିଆ ରାଜ୍ୟପାଳ ସମ୍ମିଳନୀ ।

- ପ୍ରବଳ ବର୍ଷା ଓ ଭୂ-ସ୍ଖଳନ ଯୋଗୁଁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କେଦାରନାଥ ଯାତ୍ରା ସ୍ଥଗିତ ।

- କେରଳ ୱାୟାନାଡ ଭୂ-ସ୍ଖଳନ ଘଟଣାରେ ମୃତ୍ୟୁ ସଂଖ୍ୟା ୩୦୮କୁ ବୃଦ୍ଧି ।

- ପ୍ୟାରିସ୍ ଅଲିମ୍ପିକ୍ସର ସପ୍ତମ ଦିନରେ ଆଜି ୬ଟି ବିଭାଗରେ ପ୍ରଦର୍ଶନ କରିବେ ଭାରତୀୟ ଖେଳାଳି ।

ଏବଂ

- ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ଆନ୍ତର୍ଜାତିକ କ୍ରିକେଟ୍ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଆଜି ମୁହାଁମୁହିଁ ହେବେ ଭାରତ ଓ ଶ୍ରୀଲଙ୍କା ।

ପ୍ରେସିଡେଣ୍ଟ-ଗଭର୍ଣ୍ଣର ମିଟିଂ

ରାଷ୍ଟ୍ରପତି ଭବନରେ ଆଜିଠାରୁ ଦୁଇ ଦିନିଆ ରାଜ୍ୟପାଳ ସମ୍ମିଳନୀ ଆରମ୍ଭ ହୋଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୈଠକରେ ଅଧ୍ୟକ୍ଷତା କରୁଛନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଏହା ପ୍ରଥମ ରାଜ୍ୟପାଳ ସମ୍ମିଳନୀ । ବୈଠକରେ ସମସ୍ତ ରାଜ୍ୟର ରାଜ୍ୟପାଳ ଭାଗ ନେଇଥିବାବେଳେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶିବରାଜ ସିଂହ ଚୌହାନ, ଅଶ୍ୱିନୀ ବୈଷ୍ଣବ, ଡକ୍ଟର ମନସୁଖ ମାଣ୍ଡବ୍ୟ ଏବଂ ଅନ୍ୟ କେନ୍ଦ୍ର ମନ୍ତ୍ରୀମାନେ ଭାଗ ନେବେ । ନିତିଆୟୋଗର ଉପାଧକ୍ଷ ତଥା ମୁଖ୍ୟ କାର୍ଯ୍ୟକାରି ଅଧିକାରୀ ଏବଂ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ବୈଠକରେ ଯୋଗଦେବେ ।

ଏହି ସମ୍ମିଳନୀରେ ତିନୋଟି ନୂଆ ଫୌଜଦାରୀ ଆଇନ୍‌ର କାର୍ଯ୍ୟାନ୍ୱୟନ, ଉଚ୍ଚଶିକ୍ଷାରେ ସଂସ୍କାର ଏବଂ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଶିକ୍ଷା ବିକାଶ ସମ୍ପର୍କିତ ବିଷୟ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ବୈଠକରେ ରାଜ୍ୟପାଳଙ୍କ ଭୂମିକା ଏବଂ ବିଭିନ୍ନ କେନ୍ଦ୍ରୀୟ ପ୍ରତିଷ୍ଠାନ ଓ ରାଜ୍ୟ ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା ନେଇ ଆଲୋଚନା ହେବ ।

ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଆକାଂକ୍ଷୀ ଜିଲ୍ଲାର ବିକାଶ ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ, ସୀମାବର୍ତ୍ତୀ ଅଞ୍ଚଳ ଗୁଡ଼ିକର ବିକାଶ, ଏକ ଭାରତ ଶ୍ରେଷ୍ଠ ଭାରତ ଓ ମା' ପାଇଁ ଗଛଟିଏ ଅଭିଯାନରେ ରାଜ୍ୟପାଳମାନଙ୍କ ଭୂମିକାର ସମୀକ୍ଷା କରାଯିବ । ଆସନ୍ତାକାଲି ଏହି ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ସମସ୍ତ ରାଜ୍ୟପାଳ ଏବଂ ନୀତି ଆୟୋଗ ପକ୍ଷରୁ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରାଯିବ ।

କେଦାରନାଥ ଯାତ୍ରା ସସ୍‌ପେଣ୍ଡେଡ୍

ଉତ୍ତରାଖଣ୍ଡର ଟିହରି ଏବଂ ରୁଦ୍ରପ୍ରୟାଗ ଜିଲ୍ଲାରେ ପ୍ରବଳ ବର୍ଷା ହେଉଥିବାରୁ କେଦାରନାଥ ଯାତ୍ରାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍, ଡିଡିଆର୍‌ଏଫ୍, ପୋଲିସ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଅଟକି ରହିଥିବା ୨ହଜାରରୁ ଅଧିକ ତୀର୍ଥଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ଗତକାଲି ହେଲିକପ୍ଟର ସହାୟତାରେ ବିମ୍‌ବଳୀ, ରାମବାଡା ଏବଂ ଲିନଚୌଲି ଅଞ୍ଚଳରୁ ୧୧ଶହ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପ୍ରଭାବିତ ଅଞ୍ଚଳ ନୀରିକ୍ଷଣ କରିଛନ୍ତି । ବିଭିନ୍ନ ରିଲିଫ କ୍ୟାମ୍ପରେ ଥିବା ଲୋକମାନଙ୍କ ସହ ମଧ୍ୟ ସେ କଥାବାର୍ତ୍ତା କରିଛନ୍ତି । ବୁଧବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ଭୂ-ସ୍ଖଳନ ହୋଇଥିଲା

ଏବଂ ଏଥିରେ ରାସ୍ତା, ପୋଲ, ପାଣିଲାଇନ୍ ଏବଂ ବିଦ୍ୟୁତ୍ ସଂଯୋଗ ବାଧାପ୍ରାପ୍ତ ହେବା ସହ ବ୍ୟାପକ ପରିମାଣର ଫସଲ ନଷ୍ଟ ହୋଇଥିବା ସୂଚନା ମିଳିଛି ।

ସୂଚନା ଅନୁଯାୟୀ କେଦାରନାଥକୁ ଯାଉଥିବା ରାସ୍ତାର ବିଭିନ୍ନ ସ୍ଥାନରେ ତୀର୍ଥଯାତ୍ରୀମାନେ ଅଟକି ରହିଛନ୍ତି । ସେହି ଯାତ୍ରୀମାନଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଲାଗି ଉଦ୍ୟମ ଜାରି ରହିଛି । ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଯମୁନେତ୍ରୀ ଏବଂ କେଦାରନାଥର ରାସ୍ତାରେ ଯାତ୍ରୀମାନଙ୍କ ଯିବା ଆସିବା ଉପରେ କଟକଣା ଜାରି କରାଯାଇଛି । ଉଦ୍ଧାର କାର୍ଯ୍ୟ ପାଇଁ ରାଜ୍ୟ ଏବଂ କେନ୍ଦ୍ରୀୟ ସୁରକ୍ଷାବଳ ସମେତ ଏନ୍.ଡି.ଆର୍.ଏଫ୍.ର ୧୨ଟି ଏବଂ ଏସ୍.ଡି.ଆର୍.ଏଫ୍.ର ୬୦ଟି ଟିମ୍‌କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି । ଇତିମଧ୍ୟରେ ବାୟୁସେନାର ଚିନୁକ୍ ଏବଂ ଏମ୍.ଆର୍-୧୭ ହେଲିକପ୍ଟରକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି ।

ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ପ୍ରବଳ ବର୍ଷା ନେଇ ଚେତାବନୀ ଜାରି କରାଯାଇଥିବାରୁ ପୋଲିସ୍, ଏନ୍.ଡି.ଆର୍.ଏଫ୍., ଏସ୍.ଡି.ଆର୍.ଏଫ୍. ଏବଂ ସ୍ଥାନୀୟ ପ୍ରଶାସନକୁ ସତର୍କ କରିଦିଆ ଯାଇଛି ।

ଅନ୍ୟ ପକ୍ଷରେ ଆଜି ସକାଳୁ ଅମରନାଥ ଗୁମ୍ଫା ଦର୍ଶନ ନିମନ୍ତେ ୧ ହଜାର ୨୨୧ ଜଣ ତୀର୍ଥ ଯାତ୍ରୀ ଜାମ୍ମୁର ଭଗବତୀ ନଗର ମୂଳ କ୍ୟାମ୍ପ୍‌ରୁ ୫୪ଟି ଦଳରେ କାଶ୍ମୀର ଘାଟି ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି ।

ୱାଇନାଡ ଭୂସ୍ଖଳନ

ୱାଏନାଡରେ ଗତ ମଙ୍ଗଳବାର ଘଟିଥିବା ଭୂ-ସ୍ଖଳନରେ ବ୍ୟାପକ ପରିମାଣର ଧନଜୀବନ ନଷ୍ଟ ହୋଇଛି । ସେଠାରେ ସେନା, ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତଲାସୀ ଅଭିଯାନ ଜୋର୍‌ଦାର କରାଯାଇଛି । ପ୍ରଭାବିତ ଅଞ୍ଚଳରେ ମୃତଦେହଗୁଡ଼ିକ ମାଟିତଳେ ଦବି ରହିଥିବାରୁ ସେଗୁଡ଼ିକୁ ବାହାର କରିବା ଲାଗି ଉଦ୍ୟମ କରାଯାଉଛି । ବଡବଡ ପଥରଖଣ୍ଡ, ମାଟିଗଦା ଭିତରୁ ମୃତଦେହଗୁଡ଼ିକୁ ବାହାର କରାଯାଉଛି । ମୃତଦେହ ସନ୍ଧାନ କାର୍ଯ୍ୟରେ ସନ୍ଧାନୀ କୁକୁରଙ୍କୁ ନିୟୋଜିତ କରାଯାଇଛି ।

ଏହି ଭୂ-ସ୍ଖଳନ ଘଟଣାରେ ମୃତ୍ୟୁସଂଖ୍ୟା ୩୦୦ ଅତିକ୍ରମ କରିଛି । ମିଳିଥିବା ସୂଚନା ଅନୁଯାୟୀ ଏପର୍ଯ୍ୟନ୍ତ ୩୦୮ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି । ୯୧ଟି ରିଲିଫ ଶିବିରରେ ୭ହଜାରରୁ ଅଧିକ ଲୋକଙ୍କୁ ରଖାଯାଇଥିବା ସ୍ଥାନୀୟ ପ୍ରଶାସନ ସୂଚନା ଦେଇଛି । ସେନା ପକ୍ଷରୁ ଚାଲିଥିବା ତଲାସୀ ଅଭିଯାନରେ ୱାଏନାଡ ଜିଲ୍ଲାର ଭୂ-ସ୍ଖଳନ ପ୍ରଭାବିତ ଅଞ୍ଚଳରୁ ଆଜି ୪ଜଣ ଲୋକଙ୍କୁ ଜୀବିତ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରେ ଜଣେ ମହିଳା ଓ ଜଣେ ଝିଅ ଥିବା ଜଣାପଡିଛି ।

କେରଳର ଚୁରନମାଲାରେ ୧୯୦ ଫୁଟ ଲମ୍ବ ବେଲି ବ୍ରିଜ୍ କାର୍ଯ୍ୟ ଆରମ୍ଭ କରିଛି । ଭୂ-ସ୍ଖଳନ ପ୍ରଭାବିତ ଅଞ୍ଚଳରେ ରିଲିଫ ସାମଗ୍ରୀ ପଠାଇବା ଏବଂ ଉଦ୍ଧାରକାରୀ ଦଳ ଯିବା ନିମନ୍ତେ ଏହି ପୋଲର ବ୍ୟବହାର କରାଯାଉଛି ।

ବାୟୁସେନା-ୱାଏନାଡ

ଭାରତୀୟ ବାୟୁ ସେନା କେରଳର ୱାଏନାଡ ଏବଂ ଉତ୍ତରାଖଣ୍ଡର ପାହାଡ଼ିଆ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ପରେ ବାୟୁସେନାର ଚିନୁକ ଏବଂ ଏମ୍.ଆଇ-୧୭ ଭି-ଫାଇଭ ହେଲିକପ୍ଟର ମୁତୟନ କରାଯାଇଛି । ଏନ୍‌ଡିଆର୍‌ଏଫ୍‌ର କେତେକ ଦଳ ଉଦ୍ଧାର କାର୍ଯ୍ୟରେ ସହାୟତା କରୁଛନ୍ତି । ବାୟୁସେନା ପକ୍ଷରୁ ରିଲିଫ ସାମଗ୍ରୀ ନେବାଆଣିବା ସହ ବିଭିନ୍ନ ସ୍ଥାନରେ ଫସି ରହିଥିବା ଲୋକମାନଙ୍କୁ ଉଦ୍ଧାର କରୁଛି ।

ଜିଏସ୍‌ଟି - ଜୁଲାଇ

ସାମଗ୍ରୀ ଓ ସେବାକର - ଜିଏସ୍‌ଟି ସଂଗ୍ରହ କ୍ଷେତ୍ରରେ ୧୦ ଦଶମିକ ୩ ପ୍ରତିଶତ ବୃଦ୍ଧି ଘଟିଛି । ଜୁଲାଇ ମାସରେ ଜିଏସ୍‌ଟି ସଂଗ୍ରହ ୧ଲକ୍ଷ ୮୨ହଜାର କୋଟି ଟଙ୍କାରୁ ଅଧିକ ହୋଇଛି । ଏହା ତୃତୀୟଥର ପାଇଁ ସବୁଠାରୁ ଅଧିକ ରାଜସ୍ୱ ସଂଗ୍ରହ ବୋଲି ଜଣାପଡିଛି । ଅର୍ଥମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜୁଲାଇ ମାସରେ ଜିଏସ୍‌ଟି ସଂଗ୍ରହ ଏବଂ ଫେରସ୍ତ ପରେ ୧ଲକ୍ଷ ୬୦ହଜାର କୋଟି ଟଙ୍କା ବଳକା ରହିଛି । ଯାହା ୧୪ ଦଶମିକ ୪ ପ୍ରତିଶତ ବୃଦ୍ଧିକୁ ଦର୍ଶାଉଛି ।

ଇସି-ଝାଡଖଣ୍ଡ

ଝାଡ଼ଖଣ୍ଡରେ ବିଧାନସଭା ନିର୍ବାଚନ ପୂର୍ବରୁ ସେଠାରେ କାର୍ଯ୍ୟ କରୁଥିବା ସେହି ରାଜ୍ୟର ଅଧିକାରୀ ଓ ଗୋଟିଏ ସ୍ଥାନରେ ୩ବର୍ଷରୁ ଅଧିକ ସମୟ ଧରି ରହିଥିବା ଅଧିକାରୀଙ୍କୁ ବଦଳି କରିବା ଲାଗି ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଗ ପକ୍ଷରୁ ଝାଡ଼ଖଣ୍ଡ ମୁଖ୍ୟ ଶାସନ ସଚିବଙ୍କୁ ଏନେଇ ନିର୍ଦ୍ଦେଶ ଦିଆଯାଇଛି ଓ ଆସନ୍ତା ୨୦ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ କୁହାଯାଇଛି । ନିୟମ ଅନୁଯାୟୀ ନିର୍ବାଚନ ସହ ଜଡିତ କୌଣସି ଅଧିକାରୀ ଯଦି ନିଜ ଜିଲ୍ଲାରେ କାର୍ଯ୍ୟ କରୁଥାନ୍ତି ତେବେ ତାଙ୍କୁ ସେଠାରୁ ବଦଳି କରାଯିବ । ଝାଡ଼ଖଣ୍ଡ ସରକାର କହିଛନ୍ତି ନିର୍ବାଚନ ପ୍ରକ୍ରିୟାରେ ରାଜ୍ୟ ସରକାର କୌଣସି ପ୍ରକାର ହସ୍ତକ୍ଷେପ କରିବେ ନାହିଁ ।

ରାଜ୍ୟସଭା-ଫେକ୍ ନ୍ୟୁଜ୍

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପତ୍ରସୂଚନା କାର୍ଯ୍ୟାଳୟ ୨୦୧୯ରୁ ଏପର୍ଯ୍ୟନ୍ତ ୯ହଜାର ୯୨୨ଟି ମିଥ୍ୟା ସମ୍ବାଦ ଲୋକଲୋଚନକୁ ଆଣିଛି । ରାଜ୍ୟସଭାରେ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗନ କହିଛନ୍ତି ୨୦୧୯ରେ ସ୍ଥାପନ କରାଯାଇଥିବା ତଥ୍ୟ ଯାଞ୍ଚ ବିଭାଗର କୌଣସି ଆଞ୍ଚଳିକ ଶାଖା ସ୍ଥାପନ ପାଇଁ ପ୍ରସ୍ତାବ ନାହିଁ । ସେ କହିଛନ୍ତି

ମିଥ୍ୟା ସମ୍ବାଦ ପରିବେଷଣ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଖରାପ ପ୍ରଭାବ ଦେଖାଦେଉଛି ଏବଂ ଏହାର ନିୟନ୍ତ୍ରଣ ଅତ୍ୟନ୍ତ ଜରୁରୀ ବୋଲି ସେ କହିଛନ୍ତି । ରାଜ୍ୟସଭାରେ ତୃଣମୂଳ କଂଗ୍ରେସ ସାଂସଦଙ୍କ ଏକ ପ୍ରଶ୍ନର ଉତ୍ତରରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଭାରତ ସରକାରଙ୍କ ସହ ସମ୍ପର୍କିତ କୌଣସି ସୂଚନା ସତ କି ମିଛ ତାହା କେବଳ ସରକାର କହିପାରିବେ । ତଥ୍ୟ ଯାଞ୍ଚ କରିବା କାର୍ଯ୍ୟ ସରକାରଙ୍କର ବୋଲି ସେ କହିଛନ୍ତି ।

ପ୍ୟାରିସ୍ ଅଲମ୍ପିକ୍ସ

ପ୍ୟାରିସ୍ ଅଲମ୍ପିକ୍ସର ଆଜି ସପ୍ତମ ଦିନରେ ଭାରତର କ୍ରୀଡ଼ାବିତ୍‌ମାନେ ବନ୍ଧୁକଚାଳନା, ତୀରନ୍ଦାଜୀ, ବ୍ୟାଡମିଣ୍ଟନ, ଜୁଡୋ, ହକି ଏବଂ ଆଥଲେଟିକ୍ସରେ ଭାଗନେବେ । ବନ୍ଧୁକ ଚାଳନାରେ ଆଜି ଅପରାହ୍ଣରେ ୨ଟି ବ୍ରୋଞ୍ଜ ପଦକ ବିଜେତା ମନୁ ଭାକର ୨୫ମିଟର ମହିଳା ବର୍ଗରେ ଯୋଗ୍ୟତା ପର୍ଯ୍ୟାୟରେ ଅଭିଯାନ ଆରମ୍ଭ କରିବେ । ବ୍ୟାଡମିଣ୍ଟନ ପୁରୁଷ ସିଙ୍ଗିଲ୍ସ କ୍ୱାର୍ଟର ଫାଇନାଲରେ ଆଜି ସଂଧ୍ୟା ୬ଟା ୩୦ ମିନିଟ୍‌ରେ ଭାରତର ଲକ୍ଷ୍ୟ ସେନ୍, ଚୀନ୍ ତାଇପେଇର ଚାଉ ତିୟେନ୍ ଚାନ୍‌ଙ୍କ ସହ ମୁକାବିଲା କରିବେ । ପୁରୁଷ ହକିର ପୁଲ୍ ମ୍ୟାଚ୍‌ରେ ସନ୍ଧ୍ୟା ୪ଟା ୪୫ ମିନିଟ୍‌ରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ । ପୂର୍ବରୁ ଭାରତ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହୋଇସାରିଛି ।

ଜୁଡୋରେ ଆଜି ଅପରାହ୍ଣରେ ମହିଳା ୭୮ କିଲୋଗ୍ରାମ ବର୍ଗରେ ତୁଲିକା ମାନ୍ ଏବଂ କ୍ୟୁବାର ଇଦାଲିସ୍ ଆଟିଜଙ୍କ ସହ ମୁକାବିଲା ହେବ । ଆଜି ଜୁଡୋରେ ସମସ୍ତ ମ୍ୟାଚ୍ ସହ ଫାଇନାଲ ମ୍ୟାଚ୍ ମଧ୍ୟ ଅନୁଷ୍ଠିତ ହେବ ।

ତୀରଚାଳନାର ମିକ୍ସଡ୍ ପର୍ଯ୍ୟାୟରେ ଧୀରଜ ବୋମଦେଓ୍ୱରା ଏବଂ ଅଙ୍କିତା ଭକତଙ୍କ ଯୋଡ଼ି ଇଣ୍ଡୋନେସିଆ ଯୋଡ଼ିଙ୍କ ସହ ମୁକାବିଲା କରିବେ । ଆଥ୍ଲେଟିକ୍ସରେ ରାତି ୯ଟା ୩୦ରେ ପାରୁଲ ଚୌଧୁରୀ ୫ହଜାର ମିଟର ଯୋଗ୍ୟତା ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବାବେଳେ ସଟ୍‌ପୁଟ ଯୋଗ୍ୟତା ପର୍ଯ୍ୟାୟରେ ରାତି ୧୧ଟାରେ ତେଜେନ୍ଦ୍ର ପାଲସିଂହ ତୁର୍ ପ୍ରତିଦ୍ୱନ୍ଦ୍ୱିତା କରିବେ ।

ଗଲ୍‌ଫରେ ଗଗନଜିତ୍ ଭୁଲର ଏବଂ ଶୁଭଙ୍କର ଶର୍ମା ଓ ନୌ ଚାଳନାରେ ନେଥରା କୁମାନନ ଓ ବିଷ୍ଣୁ ସରବନ ପ୍ରତିଦ୍ୱନ୍ଦ୍ୱିତା କରିବେ ।

କ୍ରିକେଟ୍

ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ୍ ଶୃଙ୍ଖଳା ଆଜିଠାରୁ ଆରମ୍ଭ ହେଉଛି । ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋସ୍ଥିତ ପ୍ରେମଦାସା ଷ୍ଟାଡିୟମ୍‌ରେ ଖେଳାଯିବ । ଏହି ଶୃଙ୍ଖଳାର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୪ ତାରିଖ ଏବଂ ତୃତୀୟ ମ୍ୟାଚ୍ ୭ ତାରିଖରେ ଅନୁଷ୍ଠିତ ହେବ । ସମସ୍ତ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ

୨ଟା ୩୦ ମିନିଟ୍‌ରେ ଆରମ୍ଭ ହେବ । ୫୦ ଓଭର୍ ବିଶିଷ୍ଟ ଏହି ମ୍ୟାଚ୍‌ଗୁଡ଼ିକରେ ରୋହିତ ଶର୍ମା ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ ।